# NATIONAL NEWS BULLETIN (ODIA)
## 1 June - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଭାରତ ଓ ମିଆଁମାର ମଧ୍ୟରେ ଥିବା ଐତିହାସିକ ଓ ସଭ୍ୟତାଗତ ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ଉଭୟ ଦେଶର ସମ୍ମତି
- ଏକ ସମୃଦ୍ଧ ଭାରତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ବଜାୟ ରଖିବା ଦିଗରେ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଲେ ଭାରତ ଓ ଅଷ୍ଟ୍ରେଲିଆ
- ଭାରତ–ଓମାନ୍ ସମନ୍ୱିତ ଅର୍ଥନୀତି ଭାଗିଦାରୀ ଚୁକ୍ତିନାମା ସଭ୍ୟତାଗତ ବିଶ୍ୱାସର ଏକ ବିବୃତି; କହିଲେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ
- ଚାଷ ଜମିକୁ ସୁରକ୍ଷିତ ରଖିବା ସହିତ ଚାଷ କାର୍ଯ୍ୟରେ ଅତ୍ୟାଧୁନିକ ପଦ୍ଧତି ଆପଣାଇବା ଉଦ୍ଦେଶ୍ୟରେ ଆଜିଠାରୁ ଦେଶବ୍ୟାପୀ ଆରମ୍ଭ ହେଲା 'କ୍ଷେତ ବଚାଓ ଅଭିଯାନ'

ଏବଂ

- ଜେ.ଇ.ଇ. ଆଡଭାନ୍ସ-୨୦୨୬ ପରୀକ୍ଷାଫଳ ପ୍ରକାଶ ପାଇଲା ଆଜି

# ପିଏମ୍-ମିଆଁମାର ପ୍ରେସ୍ ଟକ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମିଆଁମାର ରାଷ୍ଟ୍ରପତି ୟୁ ମିନ୍ ଆଉଙ୍ଗ୍ ହ୍ଲାଏଙ୍ଗଙ୍କ ମଧ୍ୟରେ ଆଜି ନୂଆଦିଲ୍ଲୀଠାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପକ୍ଷୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତ ଓ ମିଆଁମାର ମଧ୍ୟରେ ବହୁ ଦିନରୁ ରହି ଆସିଥିବା ଐତିହାସିକ ଓ ସଭ୍ୟତାଗତ ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ଉଭୟ ଦେଶ ସମ୍ମତି ପ୍ରଦାନ କରିଛନ୍ତି। ବିଶେଷ କରି ବାଣିଜ୍ୟ ଅର୍ଥନୀତି ସମ୍ପର୍କ, ପ୍ରତିରକ୍ଷା ଓ ସୁରକ୍ଷା, ସୀମା ପରିଚାଳନା, ସାଂସ୍କୃତିକ ଆଦାନ ପ୍ରଦାନ ଏବଂ ଆଞ୍ଚଳିକ ସ୍ଥିତି ଭଳି ଦ୍ୱିପକ୍ଷୀୟ ପ୍ରସଙ୍ଗ ସମେତ ଦୁଇଦେଶ ମଧ୍ୟରେ ସାମଗ୍ରୀକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଉପରେ ମତବିନିମୟ ହୋଇଛି।

ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ବୈଠକ ସମ୍ପର୍କରେ ଆଜି ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି, ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ପୁଞ୍ଜିନିବେଶ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଶକ୍ତି ଭଳି କ୍ଷେତ୍ରରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ଦିଗରେ ଉଭୟ ପକ୍ଷ ଆଗ୍ରହ ପ୍ରକାଶ କରିଛନ୍ତି। ଏହାଛଡ଼ା କାଲାଦାନ୍, ବହୁମୁଖୀ ମୋଡାଲ ଟ୍ରାଞ୍ଜିଟ୍ ଗମନାଗମନ ପ୍ରକଳ୍ପକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ସହିତ ଦୁଇଦେଶ ମଧ୍ୟମରେ ସଂଯୋଗୀକରଣକୁ ଅଧିକ ସଶକ୍ତ କରିବା ଉପରେ ଏହି ବୈଠକରେ ସମ୍ମତି ପ୍ରକାଶ ପାଇଛି। ଶ୍ରୀ ମିଶ୍ରି କହିଛନ୍ତି, ମିଆଁମାରର

ଅଖଣ୍ଡତା ଏବଂ ସାର୍ବଭୌମତ୍ୱକୁ ସୁରକ୍ଷିତ ରଖିବା ଲାଗି ଭାରତ ନିଜର ସମର୍ଥନ ଜାରି ରଖିବ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଭାରତର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବା ଦିଗରେ ମିଆଁମାରର ଭୂମିକୁ ବ୍ୟବହାର କରିବା ନିମନ୍ତେ ଅନୁମତି ଦିଆଯିବ ନାହିଁ ବୋଲି ରାଷ୍ଟ୍ରପତି ହ୍ଲାଏଙ୍ଗ ପ୍ରତିଶ୍ରୁତି ଦେଇଛନ୍ତି।  ମିଆଁମାର ସହିତ ଭାରତ ୧ ହଜାର ୬୪୩ କିଲୋମିଟର ସୀମା ଅଞ୍ଚଳ ଲାଗି ରହିଛି ବୋଲି ବୈଦେଶିକ ସଚିବ କହିଛନ୍ତି। ଭାରତର ପଡ଼ୋଶୀ ପ୍ରଥମ ଆକ୍ଟ ଇଷ୍ଟ ଏବଂ ମହାସାଗର ଓ ଭାରତ–ପ୍ରଶାନ୍ତ ମହାସାଗର ନୀତି ଅନୁଯାୟୀ ନୂଆଦିଲ୍ଲୀ ଆବଶ୍ୟକ ପଦକ୍ଷେପ ନେଉଛି। ବର୍ତ୍ତମାନ ଭାରତ ଓ ମିଆଁମାର ମଧ୍ୟରେ ଦ୍ୱିପକ୍ଷୀୟ ବାଣିଜ୍ୟ କାରବାର ୨ ବିଲିୟନ ଡଲାରରୁ ଉର୍ଦ୍ଧ୍ୱ ରହିଥିବା ଶ୍ରୀ ମିଶ୍ରି ସୂଚନା ଦେଇଛନ୍ତି।  ବିଶେଷ କରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସମ୍ପର୍କିତ ପ୍ରସଙ୍ଗରେ ଦୁଇ ଦେଶର ସରକାର ଯୋଗାଯୋଗରେ ରହିବା ଲାଗି ସମ୍ମତି ପ୍ରଦାନ କରିଛନ୍ତି ବୋଲି ବୈଦେଶିକ ସଚିବ କହିଛନ୍ତି।

## ପ୍ରେଜ୍–ମିଆଁମାର ପ୍ରେଜ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅପରାହ୍ନରେ ରାଷ୍ଟ୍ରପତି ଭବନଠାରେ ମିଆଁମାର ରାଷ୍ଟ୍ରପତି ୟୁ ମିନ୍ ଆଉଙ୍ଗ୍ ହ୍ଲାଏଙ୍ଗକୁ ସ୍ୱାଗତ କରିଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି, ଭାରତ–ମିଆଁମାର ମଧ୍ୟରେ ଥିବା ଅନନ୍ୟ ସମ୍ପର୍କ ତଥା ଶତାବ୍ଦୀ ଶତାବ୍ଦୀ ଧରି ରହି ଆସିଥିବା ଜନ ସମ୍ପର୍କ ଏବଂ ବୌଦ୍ଧ ଐତିହ୍ୟ ଉପରେ

ସେମାନଙ୍କ ମଧ୍ୟରେ ମତବିନିମୟ ହୋଇଛି। ମିଆଁମାରକୁ ଭାରତ ଲାଗି ଦକ୍ଷିଣ-ପୂର୍ବ ଏସିଆର ପ୍ରବେଶ ପଥ ଭାବେ ଅଭିହିତ କରିବା ସହିତ ସେଠାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ଭାରତର ସମର୍ଥନ ଜାରି ରହିବ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି।

## ଭାରତ-ଅଷ୍ଟ୍ରେଲିଆ

ଏକ ମୁକ୍ତ, ଅବାଧ, ଶାନ୍ତ, ସ୍ଥିର ତଥା ସମୃଦ୍ଧ ଭାରତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ବଜାୟ ରଖିବା ଦିଗରେ ଆଞ୍ଚଳିକ ଭାଗିଦାରୀଙ୍କ ସହିତ ସହଯୋଗ ବୃଦ୍ଧି କରିବା ଦିଗରେ ଭାରତ–ଅଷ୍ଟ୍ରେଲିଆ ସହମତ ହୋଇଛନ୍ତି। ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଦ୍ୱିତୀୟ ଭାରତ–ଅଷ୍ଟ୍ରେଲିଆ ପ୍ରତିରକ୍ଷା ମନ୍ତ୍ରିସ୍ତରୀୟ ବୈଠକରୁ ଏହି ସୂଚନା ମିଳିଛି। ଏହି ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ତାଙ୍କର ଅଷ୍ଟ୍ରେଲିଆ ପ୍ରତିପକ୍ଷ ତଥା ଉପ ପ୍ରଧାନମନ୍ତ୍ରୀ ରିଚାର୍ଡ ମାର୍ଲସ ସହ-ଅଧ୍ୟକ୍ଷତା କରିଥିଲେ।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ସମ୍ପୃକ୍ତ ଅଞ୍ଚଳରେ ଜାହାଜ ଚଳାଚଳରେ ସ୍ୱାଧୀନତା ଏବଂ ବାଧାହୀନ ବାଣିଜ୍ୟ କାରବାର ଜାରି ରଖିବା ସହିତ ଆନ୍ତର୍ଜାତିକ ନିୟମ ଅନୁଯାୟୀ, ମହାସାଗରର ବ୍ୟବହାର କରିବା ଉପରେ ଦୁଇ ଦେଶ ଗୁରୁତ୍ୱାରୋପ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଜାରି କରାଯାଇଥିବା ଏକ ବିବୃତିରେ କୁହାଯାଇଛି, ଦ୍ୱିପକ୍ଷୀୟ ସମ୍ପର୍କରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତିକୁ

ଉଭୟ ନେତା ସ୍ୱାଗତ କରିଛନ୍ତି। ସେହିଭଳି ଗତ ବର୍ଷ ଅକ୍ଟୋବର ମାସରେ ଅନୁଷ୍ଠିତ ପ୍ରଥମ ପ୍ରତିରକ୍ଷା ମନ୍ତ୍ରିସ୍ତରୀୟ ବୈଠକ ପରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଛି ବୋଲି ମତପ୍ରକାଶ ପାଇଛି। ମନ୍ତ୍ରଣାଳୟ କହିଛି, ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗ ସମ୍ପର୍କିତ ଯୁଗ୍ମ ଘୋଷଣାନାମାକୁ ଅଧିକ ସଶକ୍ତ ତଥା ନବୀକରଣ କରିବା ଦିଗରେ ଉଭୟ ଦେଶର ପ୍ରଧାନମନ୍ତ୍ରୀଙ୍କର ପ୍ରତିବଦ୍ଧତାକୁ ବାସ୍ତବ ରୂପ ଦେବା ଦିଗରେ ଅଗ୍ରଗତି ହୋଇଛି ବୋଲି ଦୁଇ ଦେଶର ପ୍ରତିରକ୍ଷା ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଏହାଛଡ଼ା  ଭାରତ–ଅଷ୍ଟ୍ରେଲିଆ ମଧ୍ୟରେ ଯୁଗ୍ମ ସାମୁଦ୍ରିକ ସୁରକ୍ଷା ସହଯୋଗ ରୋଡ୍‌ମ୍ୟାପ୍‌କୁ ଚୂଡ଼ାନ୍ତ କରିବା ଦିଗରେ ଉଭୟ ପକ୍ଷ ଆଜି ମତବିନିମୟ କରିଛନ୍ତି। ସେହିଭଳି ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଅଷ୍ଟ୍ରେଲିଆ ସାମୁଦ୍ରିକ ସୀମା କମାଣ୍ଡ ମଧ୍ୟରେ ସହଯୋଗକୁ ଅଧିକ ସଶକ୍ତ କରିବା ଲାଗି ଉଭୟ ମନ୍ତ୍ରୀ ସମ୍ମତି ପ୍ରଦାନ କରିଛନ୍ତି।

## ଭାରତ-ଓମାନ୍ ରାଜିନାମା

ଭାରତ–ଓମାନ୍ ସମନ୍ୱିତ ଅର୍ଥନୀତି ଭାଗିଦାରୀ ଚୁକ୍ତିନାମା କେବଳ ଏକ ବାଣିଜ୍ୟ ରାଜିନାମା ନୁହେଁ ବରଂ ଏହା ସଭ୍ୟତାଗତ ବିଶ୍ୱାସର ଏକ ବିବୃତି। ଆଜି ନୂଆଦିଲ୍ଲୀଠାରେ ଏହି ଚୁକ୍ତିନାମା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ ଏହା କହିଛନ୍ତି। ସେ କହିଛନ୍ତି, ୬ ମାସ ପୂର୍ବରୁ ସ୍ୱାକ୍ଷରିତ ହୋଇଥିବା ଏହି ଚୁକ୍ତିନାମା

ଆଜିଠାରୁ କାର୍ଯ୍ୟକାରୀ ହୋଇଛି।  ଏହି ସମନ୍ୱିତ ଚୁକ୍ତିନାମା ଓମାନ୍ ଓ ଭାରତ ମଧ୍ୟରେ ସମ୍ପର୍କକୁ ଅଧିକ ଗତିଶୀଳ କରିବ। ଏହାଦ୍ୱାରା ଭାରତର ଶ୍ରମ ବ୍ୟବସ୍ଥା, ଏମ୍.ଏସ୍.ଏମ୍.ଇ. ତଥା ବୟନଶିଳ୍ପ, କ୍ରୀଡ଼ା ପୋଷାକ, କୃଷିଜାତ ଉତ୍ପାଦ, ଔଷଧ ଓ ମେଡିକାଲ ଯନ୍ତ୍ରପାତି, ଚମଡ଼ା, ଅଟୋମୋବାଇଲ୍ ଏବଂ ସାମୁଦ୍ରିକ ଉତ୍ପାଦକୁ ପ୍ରୋତ୍ସାହନ ମିଳିବ। ଏହି ସନ୍ତୁଳିତ ମୁକ୍ତ ବାଣିଜ୍ୟ ରାଜିନାମା ମାଧ୍ୟମରେ ଜୀବିକାକୁ ସୁରକ୍ଷିତ ରଖିବା ସହିତ ଭାରତରୁ ଓମାନ୍‌କୁ ରପ୍ତାନୀ ପ୍ରକ୍ରିୟା ଅଧିକ ସୁଗମ ହୋଇପାରିବ ବୋଲି ଶ୍ରୀ ଗୋଏଲ ମତବ୍ୟକ୍ତ କରିଛନ୍ତି।

# ପିଏମ୍- ଆର୍ଟିକିଲ ସିଇପିଏ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ–ଓମାନ୍ ସମନ୍ୱିତ ଅର୍ଥନୀତି ଭାଗିଦାରୀ ଚୁକ୍ତିନାମା ସମ୍ପର୍କିତ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲଙ୍କ ଏକ ଲେଖାକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ଏହି ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଭାରତ–ଓମାନ୍ ମଧ୍ୟରେ ଆଜିଠାରୁ କାର୍ଯ୍ୟକାରୀ ହୋଇଥିବା  ଚୁକ୍ତିନାମା ଦ୍ୱାରା ଭାରତୀୟ ରପ୍ତାନୀକାରୀଙ୍କ ଲାଗି କିଭଳି ସୁଯୋଗ ସୃଷ୍ଟି ହୋଇଛି, ନିଯୁକ୍ତି ସୃଷ୍ଟି ଅଧିକ ପ୍ରୋତ୍ସାହିତ କରିବା ତଥା କୃଷକମାନଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହିତ ଦୁଇ ଦେଶ ସମୃଦ୍ଧି ଦିଗରେ ଏହା ସହାୟକ ହୋଇପାରିବା ସମ୍ପର୍କରେ ଶ୍ରୀ ଗୋଏଲ ଆଲୋକପାତ କରିଛନ୍ତି। ଏହାଛଡ଼ା ବିଭିନ୍ନ ବିକଶିତ ରାଷ୍ଟ୍ର ସହିତ ବାଣିଜ୍ୟ ଚୁକ୍ତିନାମା ମାଧ୍ୟମରେ ପ୍ରତ୍ୟେକ ଭାରତୀୟଙ୍କ ଜୀବନଶୈଳୀକୁ ଉନ୍ନତ

କରିବା ଦିଗରେ ସରକାରଙ୍କର ଜାରି ରହିଥିବା ପ୍ରଚେଷ୍ଟା ଏହି ଲେଖା ଦ୍ୱାରା ପ୍ରତିଫଳିତ ହେଉଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି।

## କ୍ଷେତ ବଚାଓ ଅଭିଯାନ

ଦେଶବ୍ୟାପୀ ଚାଷ ଜମିକୁ ସୁରକ୍ଷିତ ରଖିବା ସହିତ ଚାଷ କାର୍ଯ୍ୟରେ ଅତ୍ୟାଧୁନିକ ପଦ୍ଧତି ଆପଣାଇବା ଉଦ୍ଦେଶ୍ୟରେ ଆଜିଠାରୁ କ୍ଷେତ ବଚାଓ ଅଭିଯାନ ଆରମ୍ଭ ହୋଇଛି। କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଆଜି ମଧ୍ୟପ୍ରଦେଶର ରାଇସେନ ଜିଲ୍ଲା ଅନ୍ତର୍ଗତ ରାମସିଆ ଗ୍ରାମରେ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସମବେତ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଚୌହ୍ୱାନ କହିଛନ୍ତି, ମାସେ ବ୍ୟାପୀ ଚାଲିବାକୁ ଥିବା ଏହି ଅଭିଯାନ ଚାଷଜମି ଏବଂ ମୃତ୍ତିକା ସଂରକ୍ଷଣ ଦିଗରେ କୃଷକମାନଙ୍କୁ ସହାୟତା ପ୍ରଦାନ କରିବ। ଏହାଛଡ଼ା ଚାଷୀମାନେ ନିଜ ଜମିରେ ଯେଭଳି ରାସାୟନିକ ସାର ବ୍ୟବହାର ନ କରିବାକୁ କୃଷି ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଅଭିଯାନରେ ଭାରତୀୟ କୃଷି ଗବେଷଣା ପରିଷଦ, ଦେଶବ୍ୟାପୀ କୃଷି ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର ଏବଂ ନିର୍ବାଚିତ ପ୍ରତିନିଧିମାନେ ସକ୍ରିୟ ଅଂଶଗ୍ରହଣ କରିବେ। ଏହି ଅବସରରେ  ମୃତ୍ତିକା ପରୀକ୍ଷଣ, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ, ପ୍ରାକୃତିକ ଚାଷ ପଦ୍ଧତି, ସାରର ଏକ ସନ୍ତୁଳିତ ବ୍ୟବହାର ଏବଂ ଜଳ ସଂରକ୍ଷଣ ପଦ୍ଧତି ଉପରେ  ଚାଷୀମାନଙ୍କୁ ତଥ୍ୟ ପ୍ରଦାନ କରାଯିବ। ଏହାଛଡ଼ା ନକଲି ସାର, ବିହନ ଏବଂ କୀଟନାଶକ ଚିହ୍ନଟ କରିବା

ସମ୍ପର୍କରେ ମଧ୍ୟ ଏହି ଅଭିଯାନ ମାଧ୍ୟମରେ କୃଷକମାନଙ୍କୁ ଅବଗତ କରାଯିବ। ସେହିଭଳି ଏହି ଅଭିଯାନ ଅବସରରେ ପିଏମ୍ କିଶାନ ସମ୍ମାନନିଧି, ଶସ୍ୟବୀମା ଯୋଜନା, କିଷାନ କ୍ରେଡିଟ୍ କାର୍ଡ ଭଳି ସରକାରୀ ଜନକଲ୍ୟାଣକାରୀ କୃଷି ଯୋଜନାଗୁଡ଼ିକ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଯିବ ବୋଲି କେନ୍ଦ୍ର କୃଷି ଓ କୃଷକ ମନ୍ତ୍ରଣାଳୟ କହିଛି।

## ଆଇଆଇଟି– ଜେଇଇ ରେଜଲ୍ଟ

ଜେ.ଇ.ଇ. ଆଡଭାନ୍ସ -୨୦୨୬ର ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି। ଆଇ.ଆଇ.ଟି ରୁର୍କି ପକ୍ଷରୁ ଏହି ପରୀକ୍ଷା ପରିଚାଳନା କରାଯାଇଥିଲା। ଏ ସମ୍ପର୍କରେ ସୂଚନା ଦେଇ ଆଇ.ଆଇ.ଟି. ରୁର୍କି କହିଛନ୍ତି, ଚଳିତ ବର୍ଷ ଜେ.ଇ.ଇ. ଆଡଭାନ୍ସ ପରୀକ୍ଷାରେ ୧୦ ହଜାର ୧୦୭ ଜଣ ଛାତ୍ରୀଙ୍କ ସମେତ ମୋଟ୍ ୫୬ ହଜାର ୮୮୦ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଆଇ.ଆଇ.ଟି. ଦିଲ୍ଲୀ ଜୋନ୍‌ର ଶୁଭମ କୁମାର ମୋଟ୍ ୩୬୦ରୁ ୩୩୦ ନମ୍ବର ପାଇ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଆଇ.ଆଇ.ଟି. ଦିଲ୍ଲୀ ଜୋନ୍‌ର ଆରୋଷି ଦେଶପାଣ୍ଡେ ୩୬୦ରୁ ମୋଟ୍ ୨୮୦ ନମ୍ବର ରଖି ୭୭ ର୍ୟାଙ୍କ ସହିତ ଛାତ୍ରୀମାନଙ୍କ ମଧ୍ୟରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ଗତ ମାସ ୧୭ ତାରିଖରେ ଅନୁଷ୍ଠିତ ଏହି ପରୀକ୍ଷାରେ ଚଳିତ ବର୍ଷ ମୋଟ୍ ୧ ଲକ୍ଷ ୭୯ ହଜାର ୬୯୪ ଜଣ ପରୀକ୍ଷାର୍ଥୀ ଉଭୟ ପେପର୍-ୱାନ୍ ଓ ଟୁ' ପରୀକ୍ଷା ଦେଇଥିଲେ ବୋଲି ଆଇ.ଆଇ.ଟି ରୁର୍କି ପକ୍ଷରୁ ସୂଚନା ଦିଆଯାଇଛି।

# ପେଟ୍ରୋଲ ଷ୍ଟକ୍

ଦେଶବ୍ୟାପୀ ପେଟ୍ରୋଲ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି ବୋଲି ସରକାର ଘୋଷଣା କରିଛନ୍ତି । ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ସମ୍ପର୍କିତ ଆନ୍ତ

ଃ ମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ନେଇ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଗତ ୩ ଦିନ ମଧ୍ୟରେ ଦେଶବ୍ୟାପୀ ୧ କୋଟି ୨୧ ଲକ୍ଷରୁ ଊର୍ଦ୍ଧ୍ୱ ଏଲ୍.ପି.ଜି. ଯୋଗାଣ ଲାଗି ବୁକିଂ କରାଯାଇଛି । ସେଥିମଧ୍ୟରୁ ୯୫ ପ୍ରତିଶତ ଏଲ୍.ପି.ଜି. ସିଲିଣ୍ଡର ଯୋଗାଇ ଦିଆଯାଇଛି ବୋଲି ଶ୍ରୀମତୀ ଶର୍ମା କହିଛନ୍ତି ।

**-VO-**

ଏହାଛଡ଼ା ଏଲ୍.ପି.ଜି. ସିଲିଣ୍ଡରର କଳାବଜାରୀ ଏବଂ ବିକ୍ରୟ ଓ ବିତରଣ କ୍ଷେତ୍ରରେ ଅନିୟମିତତାକୁ ରୋକିବା ଲାଗି ତଦାରଖ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ଲାଗି ସମସ୍ତର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି ।